# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29th August – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଦଳମତ ଊର୍ଦ୍ଧ୍ୱରେ ଥାଇ ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି; କହିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

— ଭୁବନେଶ୍ୱରରେ ଦୁଇଦିନିଆ ଜାତୀୟ ଏସ୍‌ସି-ଏସ୍‌ଟି ସମ୍ମିଳନୀ ଉଦ୍‌ଘାଟିତ

- ଜାତୀୟ କ୍ରୀଡା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର ପ୍ରଦାନ କଲେ ରାଜ୍ୟପାଳ
- ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଏବଂ ଲଘୁ ଉଦ୍ୟୋଗ ଭାରତୀର ବିକଶିତ ଓଡ଼ିଶା ୨୦୩୬ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ମନ୍ କୀ ବାତ୍‌ର ୧୨୫ତମ ସଂସ୍କରଣରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟିର ସମ୍ଭାବାନାକୁ ଦୃଷ୍ଟିରେ ରଖି ୨୦ଟି ଜିଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

## ଏସ୍‌ସି-ଏସ୍‌ଟି ସମ୍ମିଳନୀ

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଦଳମତ ଊର୍ଦ୍ଧ୍ୱରେ ଥାଇ ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଭୁବନେଶ୍ୱର ଲୋକସେବା ଭବନରେ ଉଦ୍‌ଘାଟନ କରି କହିଛନ୍ତି, ବଦଳୁଥିବା ପରିସ୍ଥିତି ଅନୁଯାୟୀ, କମିଟି ଯାହା ପ୍ରସ୍ତାବ ଦେବ ତାହାକୁ କାର୍ଯ୍ୟକାରୀ କରାଯାଇ ଏକ ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି।

**- V/O - (ଓମ୍ ବିର୍ଲା)**

ବାବାସାହେବ ଆମ୍ବେଦକର ବିଶ୍ୱକୁ ସାମାଜିକ ନ୍ୟାୟର ଆଧାରରେ ଏକ ସମତାମୂଳକ ସମାଜର ଗଠନ କରିବା ପାଇଁ ବିଚାର ଦେଇଥିଲେ। ଏହି ବିଚାରକୁ ଆଧାର କରି ଭାରତର ସମ୍ବିଧାନ ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଏକ ସାମ୍ବିଧାନିକ ଦାୟିତ୍ୱ ପ୍ରଦାନ କରିଛି।

ଲୋକତନ୍ତ୍ରରେ ସମାଜର ବଂଚିତ, ଗରିବ, ଆଦିବାସୀ ଲୋକଙ୍କର କଲ୍ୟାଣ ଏବଂ ସେମାନଙ୍କୁ ସାମାଜିକ, ଆର୍ଥିକ ଏବଂ ପ୍ରଶାସନିକ ଶକ୍ତି ଦେଇପାରିବ ବୋଲି ଶ୍ରୀ ବିର୍ଲା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସମ୍ମିଳନୀରେ ଯୋଗଦେଇ **ବାଚସ୍ପତି ସୁରମା ପାଢ଼ୀ** କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ସହ ନୀତିକୁ ଦୁର୍ଗମ ଅଂଚଳର ଶେଷ ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ପ୍ରତ୍ୟେକ ବିଧାୟକଙ୍କ ଦାୟିତ୍ୱ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି।

ସମ୍ମିଳନୀରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତିଙ୍କର ବର୍ତ୍ତମାନ ଓ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ। ଏହି ସମ୍ମିଳନୀ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବଜେଟ୍ ୬୮ ହଜାର ୮୮୧ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ୧୪ଟି ଜିଲ୍ଲାର ୩ ଲକ୍ଷ ଅତି ଦୁର୍ବଳ ଜନଜାତି ସମୂହଙ୍କୁ ପିଏମ୍ ଜନମନ ଯୋଜନାରେ ସାମିଲ କରାଯାଇଛି। ଏଥିସହ ସେମାନଙ୍କ ପାଇଁ ସରକାର ୧୫ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି।

ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ,

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି ।

ଦୁଇଦିନିଆ ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତିର ଅଧ୍ୟକ୍ଷମାନେ ଯୋଗଦେଇଛନ୍ତି । ଆସନ୍ତାକାଲି ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ ।

## ଓମ୍ ବିର୍ଲା-ଶ୍ରୀମନ୍ଦିର

ଲୋକସଭା ବାଚସ୍ପତି ଓମ୍ ବିର୍ଲା ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ  ପାଢ଼ୀ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ତାଙ୍କୁ ସ୍ୱାଗତ କରିଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରୀ ବିର୍ଲା ସମଗ୍ର ଦେଶର ମଙ୍ଗଳ କାମନା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ରୀଡା ପୁରସ୍କାର

ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କାର୍ଯ୍ୟକ୍ରମରେ ଯୋଗଦେଇ କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଂଜନ ପ୍ରଧାନଙ୍କୁ ବିଜୁ ପଟ୍ଟନାୟକ ସାହସିକତା ସମ୍ମାନ ପ୍ରଦାନ କରିଛନ୍ତି । ରାଜ୍ୟରେ କ୍ରୀଡା ବିକାଶ ଲାଗି ଖୋ-ଖୋ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଶ୍ରେଷ୍ଠ କ୍ରୀଡା ସାମ୍ବାଦିକ ଭାବେ ବିନୋଦ କୁମାର

ରାଉଳ, ବୈଷୟିକ  କ୍ରୀଡା ଅଧିକାରୀ ଭାବେ ଡାକ୍ତର ସୁଜିତ ଶତପଥୀ ବିଜୁ ପଟ୍ଟନାୟକ କ୍ରୀଡା ପୁରସ୍କାର ପାଇଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କ୍ରୀଡ଼ା ଦିବସ

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି । ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩ ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା ।

ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି।

**ଦେବଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦେବଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଜାତୀୟ କ୍ରୀଡାଦିବସ ପାଳିତ ହୋଇଯାଇଛି।

**ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ଠାରେ ଜାତୀୟ କ୍ରୀଡାଦିବସ ପାଳନ କରାଯାଇଛି।

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଷ୍ଟାଡିୟମ୍ ପରିସରରେ ଜାତୀୟ କ୍ରୀଡା ଦିବସ ଅନୁଷ୍ଠିତ ହୋଇଯାଇଛି ।

**କେନ୍ଦ୍ରାପଡା** ଜିଲ୍ଲା ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଂସ୍କୃତି ଭବନ ପରିସରରେ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।

**ଯାଜପୁର** ଜିଲ୍ଲା ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜାତୀୟ କ୍ରୀଡାଦିବସ ପାଳିତ ହୋଇଯାଇଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ । 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ । ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ ।

## ବିକଶିତ ଭାରତ

ଭୁବନେଶ୍ୱରଠାରେ 'ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଏବଂ ଲଘୁ ଉଦ୍ୟୋଗ ଭାରତୀ' ପକ୍ଷରୁ ଆୟୋଜିତ 'ବିକଶିତ ଓଡ଼ିଶା-୨୦୩୬' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମର ଆଲୋଚନାଚକ୍ରରେ ଯେଉଁ ମତ ପ୍ରକାଶ ପାଇବ, ତାହା ଆଗାମୀ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।  ରାଜ୍ୟର ଯୁବ ମାନବସମ୍ବଳକୁ ଦକ୍ଷ କରିବା ପାଇଁ ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

## କଟକ କ୍ରୀଡା ପୁରସ୍କାର

ଜାତୀୟ କ୍ରୀଡା ଦିବସ ଅବସରରେ ଆଜି କଟକ ଆରକେ ପାଢ଼ୀ ମେମୋରିଆଲ୍ ହଲ୍‌ଠାରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୁଲିସ୍‌ର ୪୧ ଜଣ ଶ୍ରେଷ୍ଠ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ସମାରୋହ ଓଡ଼ିଶାର ଯୁବପ୍ରତିଭାମାନଙ୍କୁ କ୍ରୀଡାପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ଖୁରାନିଆ ଆଶା ବ୍ୟକ୍ତ କରିଛନ୍ତି। ଆମେରିକାର ବର୍ମିଂହାମ୍‌ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୁଲିସ୍ ଏବଂ ଅଗ୍ନିଶମ କ୍ରୀଡା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସ୍‌ର ୭ ଜଣ କ୍ରୀଡାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ  ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡାବିତ୍‌ମାନେ ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ବିଜୟୀ ହୋଇ ଓଡ଼ିଶା ପୁଲିସ୍‌କୁ ଗୌରବ ମଣ୍ଡିତ କରିଛନ୍ତି ବୋଲି ଡିଜିପି କହିଥିଲେ।

## ଏନ୍‌ଏସି ଘୋଷଣା

ଆସନ୍ତା ୩୧ ତାରିଖରେ ନୂତନ ପୌରପାଳିକା ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ହେବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ସହରୀକରଣ ବୃଦ୍ଧି ନେଇ ସରକାରଙ୍କର ପ୍ରସ୍ତାବ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟରେ ସହରୀକରଣ ୧୭ ପ୍ରତିଶତରୁ ୪୦ ପ୍ରତିଶତକୁ ବୃଦ୍ଧି ହେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ରାଜଧାନୀ ଭୁବନେଶ୍ୱରର ଡ୍ରେନ୍ ଓ ପାଣି ସମସ୍ୟା ଦୂର କରିବା ପାଇଁ ନୂତନ ଯୋଜନା ପ୍ରସ୍ତୁତ ହେଉଥିବା ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ପ୍ରମୁଖ ସହରଗୁଡ଼ିକୁ ଏନ୍‌ଏସିରେ ସାମିଲ କରାଯିବା ପାଇଁ ବୃହତ ଯୋଜନା ପ୍ରସ୍ତୁତ କରାଯାଉଥିବା ସେ କହିଛନ୍ତି।

## ଜନ ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ ଶୁଣାଣୀ ଆସନ୍ତା ସେପ୍ଟେମ୍ବର ୧ ସୋମବାର ଦିନ ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ।

## ବିମ୍ବାସୁର ବଧ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ସନ୍ଧ୍ୟା ଧୂପ ପରେ ମହାପ୍ରଭୁଙ୍କ ନିକଟରେ ବିମ୍ବାସୁର ବଧ ପ୍ରସ୍ତାବ ଅନୁଷ୍ଠିତ ହେବ। ମାର୍କଣ୍ଡେଶ୍ୱର ସାହି ବିମ୍ବାସୁର ବଧ ପ୍ରସ୍ତାବ ଦେଇଥାନ୍ତି। ସନ୍ଧ୍ୟାଧୂପ ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରି ଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ ଆଣି ନାଟମଣ୍ଡପ ସ୍ଥିତ ଖଟ ଉପରକୁ ବିଜେ କରିବା ପରେ ପ୍ରଭୁଙ୍କର ଛାମୁରେ ମାର୍କଣ୍ଡେଶ୍ୱର

ସାହି ଲୋକ ବିମ୍ବାସୁର ବଧ ପ୍ରସ୍ତାବ କରିବେ। ପୁରାଣ କଥା ଅନୁସାରେ, ଶ୍ରୀକୃଷ୍ଣଙ୍କୁ ବଧ କରିବା ପାଇଁ ବିମ୍ବାସୁର ରାକ୍ଷାସକୁ ମହାରାଜ କଂସ ପଠାଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ମୁଷ୍ଟି ପ୍ରହାରରେ ବିମ୍ବାସୁରର ବଧ ହୋଇଥିଲା।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ସୋମବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ନେଇ ଅନୁମାନ କରାଯାଇଛି। ଉତ୍ତର ଏବଂ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।